ଏକ୍ସଟେନସନ ରାଜନୀତି ,                                                                      ନଭେମ୍ବର ୫, ୧୯୮୫

ଜାତୀୟ ରାଜପଥର ମୁଖ୍ୟଯନ୍ତ୍ରୀ  ଶ୍ରୀ ଜଳଧର ବେହେରାଙ୍କ ଅବସର ଗ୍ରହଣ ପରେ ପୁଣି ତିନିମାସ କାର୍ଯ୍ୟକାଳ ବୃଦ୍ଧିକୁ ନେଇ ଓଡ଼ିଶାର ଇଞ୍ଜିନିୟରମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଥିବା କଥା ରାଜ୍ୟର ଡିନୋଟିଫାଏଡ଼ ଇଞ୍ଜିନିୟର ସର୍ଭିସ ଆସୋସିଏସନ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି ।  ଏହା ଏକ ଅତି ଛୋଟ କଥା ବୋଲି ଅନେକ ମନେକରିପାରନ୍ତି , କିନ୍ତୁ ଆମ ବିଚାରରେ ସରକାରଙ୍କ ଏ ପଦକ୍ଷେପର ସପକ୍ଷରେ କୌଣସି ଯୁକ୍ତି ଥିଲା ପରି ମନେହେଉ ନାହିଁ ।  ଆମ୍ଭେ ଏହି ସ୍ତମ୍ଭରେ ପୂର୍ବରୁ ଆମ ପ୍ରଶାସନ ବ୍ୟବସ୍ଥାରେ ଥିବା ବିଭିନ୍ନ ଅସଙ୍ଗତି ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲୁ ।  ପୁନର୍ବାର କରିବାପାଇଁ ବାଧ୍ୟ ହେଉଛୁ ଯେ ଶ୍ରୀ ବେହେରାଙ୍କର କାର୍ଯ୍ୟକାଳ ବୃଦ୍ଧି ଦ୍ୱାରା ଗୋଟିଏ ଅବାଞ୍ଛିତ ପରମ୍ପରା ସୃଷ୍ଟି କରାଯାଉଅଛି ।  ଯାହା ପ୍ରଶାସନର ଦକ୍ଷତା ଓ ଭାବମୂର୍ତ୍ତି ବଢାଇବାପାଇଁ ଆଦୌ ସହାୟକ ହେବ ନାହିଁ ।  ଏହା କହିବାର ଅଭିପ୍ରାୟ ଶ୍ରୀ ବେହେରଙ୍କୁ ବ୍ୟକ୍ତିଗତ ଭାବେ ଆକ୍ଷେପ କରିବା ନୁହେଁ  । ଓଡ଼ିଶାର ନିର୍ମାଣରେ ବିଭିନ୍ନ ପଦବୀରେ ଅବସ୍ଥାପିତ ହୋଇ ଶ୍ରୀ ବେହେରା ୫୯ ବର୍ଷ ପର୍ଯ୍ୟନ୍ତ ସେବା କରିଆସିଛନ୍ତି । ଓଡ଼ିଶାର ସମସ୍ତ କୋଠବାଡି ଏହାର ମୂକସାକ୍ଷୀ  । କିନ୍ତୁ ତାଙ୍କର କାର୍ଯ୍ୟକାଳ ଆଉ ତିନିମାସ ବଢାଇବା ଦ୍ୱାରା ତାଙ୍କୁ ଏ ସେବା ପାଇଁ ସମ୍ମାନ ଦିଆଗଲା ବୋଲି ମଧ୍ୟ କୁହାଯାଇ ପାରିବ ନାହିଁ ।  କାରଣ ଯଦିବା ଶ୍ରୀ ବେହେରାଙ୍କର କିଛି ବ୍ୟକ୍ତିଗତ ସମସ୍ୟା ଥାଏ , ତିନିମାସରେ ତାହା ସମାଧାନ ହୋଇପାରିବ ନାହିଁ ।  ଅପରପକ୍ଷରେ ତିନିମାସ କାର୍ଯ୍ୟକାଳ ବୃଦ୍ଧି ଦ୍ୱାରା ଶ୍ରୀ ବେହେରାଙ୍କର ଅଧୀନରେ ଥିବା ପୁରୁଖା ଇଞ୍ଜିନିୟର ନିଶ୍ଚିତ ଭାବେ ହୀନମନ୍ୟତାର ଶିକାର ହେବେ । ନୀତିଗତ ଦୃଷ୍ଟିରୁ ବିଚାର କଲେ ଶ୍ରୀ ବେହରାଙ୍କର ପରେ ମୁଖ୍ୟଯନ୍ତ୍ରୀ ହେବାପାଇଁ ଯେ ହକଦାର ତାଙ୍କ କାର୍ଯ୍ୟକାଳରୁ ତିନିମାସ ଅନ୍ୟାୟ ଭାବେ କାଟିନିଆଗଲା ବୋଲି କୁହାଯାଇପାରେ ।  ଏବେ ଅବସର ସୀମା ବଢେଇବା ଏବଂ କମାଇବା ନେଇ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ଏନ ଟି ରାମାରାଓ ସୁପ୍ରିମକୋର୍ଟ ରାୟ ପରିପ୍ରେକ୍ଷୀରେ ଯେଉଁ ଅସୁବିଧାର ସମ୍ମୁଖୀନ ହେଇଛନ୍ତି ତାହା ପ୍ରଣିଧାନ ଯୋଗ୍ୟ ।  ଅନ୍ୟ ଏକ ଯୁକ୍ତି ଦିଆଯାଇପାରେ ଯେ କଟକର ଇନଡୋର ଷ୍ଟାଡିଅମ ଶ୍ରୀ ବେହେରାଙ୍କର ତତ୍ତ୍ୱାବଧାନରେ ନିର୍ମାଣାଧୀନ ଅଛି ଏବଂ ଏହା ପ୍ରାୟ ସମ୍ପୂର୍ଣ ହେବାକୁ ଯାଉଥିବା ସମୟରେ ତାଙ୍କ ଅବସର ଗ୍ରହଣ ଏଥିରେ ବିଳମ୍ବ ଘଟାଇପାରେ ।  କିନ୍ତୁ ଜଣେ ମୁଖ୍ୟଯନ୍ତ୍ରୀଙ୍କର ଅବସର ଗ୍ରହଣ ଇନଡୋର ଷ୍ଟାଡିଅମ ଠିକ ସମୟରେ ସମ୍ପୂର୍ଣ କରିବାରେ କିପରି ଅନ୍ତରାୟ ହେବ ଆମେ ବୁଝିପାରୁ ନାହୁଁ ।  ତେବେ ଶ୍ରୀ ବେହେରାଙ୍କର ଦକ୍ଷତା ଓ ଅଭିଜ୍ଞତା ଇନଡୋର ଷ୍ଟାଡିଅମ ନିର୍ମାଣ ପାଇଁ ଯଦିବା ଅପରିହାର୍ଯ୍ୟ ମନେ ହେଲା ତେବେ ସରକାର ତାଙ୍କୁ ବିଶେଷ ପରାମର୍ଶଦାତା ଭାବେ ନିଯୁକ୍ତ ଦେଇ ତାଙ୍କ ଦକ୍ଷତା ଓ ଅଭିଜ୍ଞତାର ସୁବିଧା ନେଇପରିଥାନ୍ତେ । ଏହାର ନଜୀର ପୂର୍ବରୁ ମଧ୍ୟ ରହିଛି ।

ପୁଣି ଆମ ଅନୁସନ୍ଧାନରୁ ଜଣାପଡିଛି ଯେ ଶ୍ରୀ ବେହେରାଙ୍କର ଇନଡୋର ଷ୍ଟାଡିଅମ ତତ୍ତ୍ୱାବଧାନ ନେବାହିଁ ନୀତିଗତ ଦୃଷ୍ଟିରୁ ଅଯୌତିକ । କାରଣ ଶ୍ରୀ ବେହେରା ଜାତୀୟ ରାଜପଥର ମୁଖ୍ୟଯନ୍ତ୍ରୀ ।  ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଜାତୀୟ ରାଜପଥର ମୁଖ୍ୟଯନ୍ତ୍ରୀ ଆଉ କିଛି ଦାୟିତ୍ୱରେ ରହିବ ଅନୁଚିତ ।  କେଉଁ କାରଣରୁ ଏବଂ କେଉଁ ପରିସ୍ଥିତିରେ ଶ୍ରୀ ବେହରାଙ୍କୁ ଜାତୀୟ ରାଜପଥ ସହିତ ଇନଡୋର ଷ୍ଟାଡିଅମ ନିର୍ମାଣ ଦାୟିତ୍ୱ ଦେବାପାଇଁ ସରକାର ଉଚିତ ମଣିଲେ । ତେବେ ତାଙ୍କୁ ସେହି ବିଭାଗର ମୁଖ୍ୟଯନ୍ତ୍ରୀ କରିବାରେ କୌଣସି ଅସୁବିଧା ନଥିଲା । ତେଣୁ ସେହି ବିଭାଗ ହେଉ ବା ଅନ୍ୟ କୌଣସି ବିଭାଗର ହେଉ ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ଏବଂ ବ୍ୟକ୍ତିଙ୍କୁ ନେଇ ଦୁର୍ନୀତି, ବେନିଅମ ଓ ରାଜନୈତିକ ଅଭିସନ୍ଧିର ଅଭିଯୋଗ ହେଉଛି ସାଧାରଣରେ ତାହା ସନ୍ଦେହ ସୃଷ୍ଟି କରିବା ସ୍ୱାଭାବିକ ।  ଜାଣିଶୁଣି ସାଧାରଣ ନିୟମକାନୁନକୁ ଉପେକ୍ଷା କଲାଭଳି ଏପରି ବେନିୟମ ଏବଂ ଅଯୌତିକ ଛୋଟଛୋଟ ପଦକ୍ଷେପମାନ ଶାସନ କଳ ଉପରେଥିବା ଜନସାଧାରଣଙ୍କର ଅସ୍ଥାକୁ ନିଶ୍ଚିତଭାବରେ କ୍ଷୁର୍ଣ କରୁଛି ।